ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଅଗଷ୍ଟ ୨୦୨୩

## ସଂକ୍ଷେପରେ

### ଠିକ୍ ସମୟରେ ଚିକିତ୍ସା ଉପରେ ଗୁରୁତ୍ୱ

ଅନୁଗୋଳ,୧୧।୮
(ଅମିତ କୁମାର ସାମଲ)

ସଚେତନତା ମାଧ୍ୟମରେ ସାପକାମୁଡ଼ା ଜନିତ ଜୀବନହାନି ରୋକିବାକୁ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଗ୍ରାମର ସାମାଜିକ ଅନୁଷ୍ଠାନ ଜାଗୃତି ପରିବାର ସହଯୋଗରେ ଗଡମଣ୍ଡଳ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ସର୍ପମିତ୍ର ଆଦିତ୍ୟ ବେହେରା ଯୋଗଦେଇ ବିଷଧର, ବିଷହୀନ ସାପ ଚିହ୍ନଟ, ସାପକାମୁଡ଼ାର ପ୍ରାଥମିକ ଚିକିତ୍ସା, ପରିବେଶ ସନ୍ତୁଳନରେ ସାପର ଭୂମିକା ଆଦି ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଉଚିତ ସମୟରେ ଡାକ୍ତରଖାନାରେ ପହଞ୍ଚି ଆଣ୍ଟି ସ୍ନେକ ଭେନମ ଦ୍ୱାରା ଚିକିତ୍ସା କରାଇଲେ ସାପକାମୁଡ଼ାରୁ ନିଶ୍ଚୟ ଆରୋଗ୍ୟ ହୋଇପାରିବା ବୋଲି ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ସମସ୍ତ ସହକାରୀ ଶିକ୍ଷକ, ସାଥୀ ପରିବାରର ସିଦ୍ଧାର୍ଥ ପ୍ରଧାନ, ଜାଗୃତି ପରିବାରର ସଦସ୍ୟ ଅଜିତ କୁମାର ସାହୁ, ମାନେଶ୍ୱର ସାହୁ, ସିପୁନ କୁମାର ସାହୁ, ପୀତବାସ ସାହୁ, ସୁଶାନ୍ତ ପ୍ରଧାନ, ସୁନୀଲ କୁମାର ଗଡନାୟକ, ବିଭୂତି ଭୂଷଣ ସାହୁ, ଅଜିତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ସାହୁ ଏବଂ ଦଶରଥ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ପୂରଣ ହେଉନି ଖାଲି ପଦବୀ

ବଅଁରପାଳ,୧୧।୮(ଉପେନ୍ଦ୍ର ରାଉତ)



ନବରତ୍ନ ମାନ୍ୟତାପ୍ରାପ୍ତ ନାଲ୍‌କୋର ଅନୁଗୋଳ, ଦାମନଯୋଡ଼ି ପ୍ଲାଣ୍ଟ ସହ କର୍ପୋରେଟ୍ କାର୍ଯ୍ୟାଳୟରେ କିଛି ବର୍ଷ ହେଲା କର୍ମଚାରୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପ୍ରତି ମାସରେ ନାଲ୍‌କୋରୁ ୩୦ ରୁ ୪୦ କର୍ମଚାରୀ ଅବସର ଗ୍ରହଣ କରୁଥିବା ବେଳେ ସେମାନଙ୍କ ସ୍ଥାନ ପୂରଣ ପାଇଁ ସେତିକି ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ ନ ଥିବା ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ ହେଉଛି। ଫଳରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ କାର୍ଯ୍ୟର ବୋଝ ଠିକା ଶ୍ରମିକମାନଙ୍କ ଉପରେ ପଡୁଛି। ଏହା ନାଲ୍‌କୋର ଉତ୍ପାଦନକୁ ପ୍ରଭାବିତ କରୁଥିବା ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃବୃନ୍ଦ ଅଭିଯୋଗ କରୁଛନ୍ତି।

ଶ୍ରମିକ ନେତାମାନଙ୍କ କହିବା ଅନୁଯାୟୀ, ପୂର୍ବରୁ କେବଳ ଅନୁଗୋଳସ୍ଥିତ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ୪ ହଜାର କର୍ମଚାରୀ ଥିଲେ। ଏବେ ସେମାନଙ୍କ ସଂଖ୍ୟା ମାତ୍ର ୧୭ ଶହ। ସେହିପରି ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର (ସିପିପି)ରେ ପୂର୍ବରୁ ୧୧ ଶହ କର୍ମଚାରୀ ଥିଲେ। ଏବେ ଏଠାରେ ୪୪୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ନାଲ୍‌କୋରୁ ବହୁ ସଂଖ୍ୟକ କର୍ମଚାରୀ ଅବସର ନେଉଥିବାରୁ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଚାଲିଛି। ୨୦୨୧ ମସିହାରେ ୩୮୯ କର୍ମଚାରୀ ଅବସର ଗ୍ରହଣ କରିଥିଲେ। ୨୦୨୨ରେ ୪୨୫ କର୍ମଚାରୀ ଅବସର ନେଇଥିବା ବେଳେ ୨୦୨୩ ଶେଷ ସୁଦ୍ଧା ୪୦୦ କର୍ମଚାରୀ ଅବସର ନେବେ। ସେହିପରି ୨୦୨୪ରେ ୪୦୨ ଜଣ ଓ ୨୦୨୫ରେ ୩୩୬ କର୍ମଚାରୀ ଅବସର ଗ୍ରହଣ କରିବେ। ତେବେ ଏତେ ସଂଖ୍ୟକ କର୍ମଚାରୀ ଅବସର ନେଉଥିଲେ ମଧ୍ୟ ସେମାନଙ୍କ ଖାଲି ସ୍ଥାନ ପୂରଣ କରିବା ଦିଗରେ ପ୍ଲାଣ୍ଟ କର୍ତ୍ତୃପକ୍ଷ ସେପରି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିଯୋଗୁ ପ୍ଲାଣ୍ଟ ଉପରେ କୁ ପ୍ରଭାବ ପଡୁଛି। ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅସୁବିଧା ଉପୁଜୁଛି। ଅନ୍ୟ କ୍ଷେତ୍ରରେ ବି ସମସ୍ୟା ସୃଷ୍ଟି ହେଉଛି। ଏଥିସହ ନାଲ୍‌କୋ କଲୋନୀରେ ବହୁ କ୍ୱାର୍ଟର୍ସ ଫାଙ୍କା ପଡ଼ିଛି। ଠିକା ଶ୍ରମିକଙ୍କ ଉପରେ କାର୍ଯ୍ୟଭାର ଦିନକୁ ଦିନ ଅଧିକ ହେଉଥିବାରୁ ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ତେଣୁ ତୁରନ୍ତ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦାବି ହେଉଛି।

- ଅବସର ନେଉଥିବା କର୍ମଚାରୀଙ୍କ ସ୍ଥାନ ସମ୍ପୂର୍ଣ୍ଣ ଭରାଯାଉ ନାହିଁ
- ନାଲ୍‌କୋରେ ଠିକା ଶ୍ରମିକଙ୍କ ଉପରେ ବଢ଼ୁଛି କାର୍ଯ୍ୟ ବୋଝ
- ପ୍ଲାଣ୍ଟ ଉପରେ କୁପ୍ରଭାବ ପଡୁଥିବା ଶ୍ରମିକ ସଙ୍ଗଠନର ଅଭିଯୋଗ

### ହ୍ରାସ ପାଉଛି କର୍ମଚାରୀ ସଂଖ୍ୟା



ନାଲ୍‌କୋରୁ ପ୍ରତିବର୍ଷ ଶତାଧିକ କର୍ମଚାରୀ ଅବସର ଗ୍ରହଣ କରୁଥିବାରୁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଫଳରେ କମ୍ପାନୀରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ଉପରେ କାର୍ଯ୍ୟ ଭାର ବଢ଼ୁଛି।

-ବିଭୂତି ମହାପାତ୍ର, ସଭାପତି, ଠିକା ମଜଦୁର ସଂଘ

### ନୂତନ ନିଯୁକ୍ତି ଦିଆଯିବା ଆବଶ୍ୟକ



ସ୍ମେଲଟର ଓ ସିପିପି ପ୍ଲାଣ୍ଟରେ ବହୁ ପଦବୀ ଖାଲି ପଡ଼ିଛି। ଦିନକୁ ଦିନ ଏହି ଖାଲି ପଦବୀ ସଂଖ୍ୟା ବଢ଼ୁଥିବା ବେଳେ ତାହାକୁ ଭରଣା କରାଯାଉ ନାହିଁ। ତେଣୁ ଉତ୍ପାଦନ କ୍ଷେତ୍ରରେ ଅସୁବିଧା ଦୂର କରିବାକୁ ତୁରନ୍ତ ନୂଆ ନିଯୁକ୍ତି ଦିଆଯିବା ଆବଶ୍ୟକ।

-ବିନୋଦ କୁମାର ସାମଲ, ସାଧାରଣ ସମ୍ପାଦକ, ଆଲୁମିନିୟମ ମଜଦୁର ସଂଘ

### ମାନବ ସମ୍ବଳ ଅଭାବ



ନାଲ୍‌କୋ ପ୍ଲାଣ୍ଟରେ ମାନବ ସମ୍ବଳର ଅଭାବ ଉତ୍କଟ ସମସ୍ୟା ଭାବରେ ଦେଖାଦେଲାଣି। ନୂତନ ନିଯୁକ୍ତି ନ ହେବା ଓ ଦକ୍ଷତା ସମ୍ପନ୍ନ କର୍ମଚାରୀଙ୍କ ଅବସର ଯୋଗୁ ବର୍ତ୍ତମାନର କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି ପାଉଛି। ମଞ୍ଜୁରପ୍ରାପ୍ତ କ୍ଷମତାର ୫୦% ପ୍ରତିଶତ କର୍ମଚାରୀରେ ପ୍ଲାଣ୍ଟ ଚାଲୁଛି।

-ବିଭବ ଜେନା, ସାଧାରଣ ସମ୍ପାଦକ, ଏନ୍‌ଏସ୍‌ସିୟୁ

### ନାଲ୍‌କୋ ପାଇଁ ଶୁଭଙ୍କର ନୁହେଁ



ନାଲ୍‌କୋରେ ଦିନକୁ ଦିନ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପ୍ରତ୍ୟେକ ମାସରେ ଅନେକ କର୍ମଚାରୀ ଚାକିରିରୁ ଅବସର ଗ୍ରହଣ କରୁଛନ୍ତି। କିନ୍ତୁ ସେହି ଅନୁଯାୟୀ ନୂଆ ନିଯୁକ୍ତି ଦିଆଯାଉ ନାହିଁ। ଏହା ନାଲ୍‌କୋ ପାଇଁ ଶୁଭଙ୍କର ନୁହେଁ।

-ପ୍ରଦୀପ୍ତ କୁମାର ଦାସ, ସାଧାରଣ ସାମ୍ପାଦକ, ନାଲ୍‌କୋ କର୍ପୋରେଟ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ

### ନୂତନ ନିଯୁକ୍ତି ପାଇଁ ଉଦ୍ୟମ ହେଉଛି



ପ୍ରତ୍ୟେକ ମାସରେ ନାଲ୍କୋରୁ ୩୦ରୁ ୪୦ କର୍ମଚାରୀ ଅବସର ନେଉଛନ୍ତି। ତେଣୁ ପ୍ଲାଣ୍ଟରେ ସମସ୍ୟା ଉପୁଜୁଛି। ନୂତନ ନିଯୁକ୍ତି ପାଇଁ ଉଦ୍ୟମ ଜାରି ରହିଛି।

-ଅମିୟ ସ୍ୱାଇଁ, ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ

## ୫୦ରୁ ଊର୍ଦ୍ଧ୍ୱ ଅଭିଭାବକଙ୍କୁ ପ୍ରଶିକ୍ଷଣ

କଣିହାଁ,୧୧।୮
(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହାତିଆଦଣ୍ଡାଠାରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଉତ୍ତମ ଘରୋଇ ପରିଚାଳନା ତଥା ନିରନ୍ତର ଶିକ୍ଷା ସହାୟତା ସମ୍ବନ୍ଧୀୟ ଏକ ଦିବସୀୟ ଅଭିଭାବକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିଲେଶ୍ୱର ସାହୁ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ବିଷୟରେ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯଥା ଛାତ୍ର ବୃତ୍ତି, ବାଣୀଶ୍ରୀ ଭତ୍ତା, ଅନ୍ୟାନ ଉପଯୋଗୀ ଉପକରଣ, ଉପଚାର ପଦ୍ଧତି ସମ୍ପର୍କରେ ସାଧନ କର୍ମୀ ବୁଝାଇଥିଲେ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ମଧ୍ୟାହ୍ନ ଭୋଜନ ଓ ନଗଦ ରାଶି ଅଭିଭାବକଙ୍କୁ ଯୋଗାଇ ଦିଆଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀକାନ୍ତ କୁମାର ଗଡନାୟକ, ସୁବାସ ଚନ୍ଦ୍ର ସାହୁ, ମାନସ ରଞ୍ଜନ ସାହୁ ସାଧନ କର୍ମୀ ଭାବେ ଯୋଗଦେଇ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରା ପରିଚାଳନା କରିଥିଲେ।

## ଫାଇଲେରିଆ ଔଷଧ ସେବନ ସଚେତନତା

ଅନୁଗୋଳ,୧୧।୮(ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ସାମୂହିକ ବାତଜ୍ୱର ଓ ଫାଇଲେରିଆ ଔଷଧ ସେବନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲା ପ୍ରଶିକ୍ଷଣ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରଥମେ ନିଜେ ଔଷଧ ଖାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରୋଟାରି ରୟାଲ ସଭାପତି ଡ. ମାଇକେଲ ଜନ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଡିଇସି, ଆଇଭରମେଟ୍ରିନ ଏବଂ ଆଲବେଣ୍ଡାଜଲ ବଟିକା ଖାଇ କ୍ଲବ ତରଫରୁ ଏହାର ଶୁଭାରମ୍ଭ କରିଥିଲେ। କ୍ଲବ ତରଫରୁ ଅନୁଗୋଳ ଆଖପାଖରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବସ୍‌ଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ ବ୍ୟାନର, ଲିଫଲେଟ ମାଧ୍ୟମରେ ଫାଇଲେରିଆ ଔଷଧ ଖାଇବା ପାଇଁ ସଚେତନ କରାଯାଉଛି। କ୍ଲବ ସମ୍ପାଦକ କୈଳାସ ଚନ୍ଦ୍ର ଅଗ୍ରୱାଲ, ମିଳନ ଅଗ୍ରୱାଲ, ହରଗୋବିନ୍ଦ ମହାପାତ୍ର, ବିଶ୍ୱଜିତ ପଟ୍ଟନାୟକ, ଡା. ବିଶ୍ୱଜିତ ସାମଲ, ଅନିଲ ଗୁପ୍ତା, ଡ. ସୌମ୍ୟକାନ୍ତ ବିଶୋଇ ଏବଂ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

## ଯୁବକଙ୍କୁ ଠେଙ୍ଗାରେ ମାଡ଼ ଅଭିଯୋଗ

ବଇଣ୍ଡା,୧୧।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସିଆରିମଳିହା ଗ୍ରାମର ତୁଷାର କାନ୍ତ ମାଝିଙ୍କୁ ଆମ୍ବସରମୁଣ୍ଡା ଗ୍ରାମର ଲୁଲୁ ନାୟକ ଏକ ଠେଙ୍ଗାରେ ଶୁକ୍ରବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୯୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ତୁଷାର ବାଇକ୍ ଯୋଗେ ତେଲ ଆଣିବା ପାଇଁ ଠାକୁରଗଡ଼ ଅଭିମୁଖେ ଯାଉଥିବାବେଳେ ପୂର୍ବଶତ୍ରୁତାକୁ ନେଇ ଆମ୍ବସରମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ନିକଟରେ ଲୁଲୁ ଅଟକାଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଜ୍ଞାନବିଜ୍ଞାନ ମେଳାରେ ୮୭ ପ୍ରକଳ୍ପ

ତାଳଚେର,୧୧।୮ (ମନୋଜ ନନ୍ଦ)



ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ ଅତିଥି ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟ ଅନୀଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦେହୁରୀ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ୮୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ହିଙ୍ଗୁଳା ନୋଡାଲ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ସାହୁ, କଳମଛୁଇଁ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ନିରାକର ବାରିକ ଓ ଆମ୍ବପାଳ ନତଡା ନୋଡାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଧରଣୀଧର ବେହେରା ଯୋଗ ଦେଇଥିଲେ। ପ୍ରିୟଙ୍କା ବେହେରା ପରିଚାଳନା କରିଥିବା ବେଳେ କମଳ ଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସ୍ନେହଲତା ସ୍ୱାଇଁ, ବୀଣାପାଣି ବାରିକ, ମୋନାଲିସା ମହାନ୍ତି, ସୁକନ୍ୟା ମାଝି, ମଳୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୧୬ ତାରିଖରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଆମ୍ବମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହେବ ବୋଲି ପ୍ରଧାନ ଆଚାର୍ଯ୍ୟ ସୂଚନା ଦେଇଥିଲେ।

## ପିଚୁ କରାଯାଉ ଗାଁ ରାସ୍ତା

ବଇଣ୍ଡା,୧୧।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତ କ୍ରଶର ଛକ ଦେଇ ଯାଇଥିବା ମଠ ସାହି ପର୍ଯ୍ୟନ୍ତ ରାସ୍ତା ଓ ମଠ ସାହିଠାରୁ ପୁରୁଣା କମାର ସାହି ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ଯାତାୟାତ କରୁଥିବା ଆଖପାଖର ୧୦ ଗ୍ରାମ ବାସିନ୍ଦା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ୨ଟି ରାସ୍ତାକୁ ପିଚୁ କରିବା ପାଇଁ ଠେଲକନାଳୀ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଗ୍ରାମର ଏହି ୨ଟି ରାସ୍ତା ଅତ୍ୟନ୍ତ ଅବହେଳିତ ହୋଇରହିଛି। ପଞ୍ଚାୟତ ବିଭାଗ ଅଧୀନରେ ଏହି ରାସ୍ତା ଥିଲେ ମଧ୍ୟ ରକ୍ଷଣାବେକ୍ଷଣ କରାଯାଉ ନ ଥିବାବେଳେ ମାଟି କି ମୋରମ ମଧ୍ୟ ପକା ଯାଉନାହିଁ। ଫଳରେ ସମାନ୍ୟ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯାଉଛି। ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପିଚୁ କରିବାକୁ ଗ୍ରାମବାସୀ ଜିଲା ପ୍ରଶାସନକୁ ୧୦ ଡିସେମ୍ବର ୨୦୨୦ ଓ ୨ ମେ ୨୦୨୨ରେ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ।



## ମନ୍ଦିର, ପର୍ଯ୍ୟଟନର ବିକାଶ ପାଇଁ ୫ କୋଟି ମଞ୍ଜୁର

ପାଲଲହଡା,(ଦିବ୍ୟଜ୍ୟୋତି ଦାଶ)/
ଅନୁଗୋଳ, ୧୧।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ବିଭିନ୍ନ ଦେବଦେବୀ ପୀଠର ହେବ ଉନ୍ନତୀକରଣ। ପର୍ଯ୍ୟଟନ କ୍ଷେତ୍ରର କରାଯିବ ବିକାଶ। ଏଥିପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୪ କୋଟି ୯୪ ଲକ୍ଷ ୫୯ ହଜାର ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ମିଳିଛି। ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଠାଯାଇଥିବା ଚିଠି ଅନୁଯାୟୀ, ପାଲଲହଡା ଉପଖଣ୍ଡର ପ୍ରସିଦ୍ଧ ଖୁଲୁଡି ଶୈବ ପୀଠ ଏବଂ ଜିଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ଦ୍ୱିତୀୟ ଚିଲିକାର ବିକାଶ କରାଯିବ। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ୨ଟି ପ୍ରକଳ୍ପ ପାଇଁ ମୋଟ୍ ୧ କୋଟି ୫୮ ଲକ୍ଷ ୨୪ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଗତ ୫ ତାରିଖରେ ପର୍ଯ୍ୟଟନ ବିଭାଗର ଏକ ହାଇ ପାୱାର ଟେକ୍ନିକାଲ ଟିମ୍ ପାଲଲହଡା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ଉପଖଣ୍ଡର ପ୍ରସିଦ୍ଧ ଖୁଲୁଡି ଶୈବ ପୀଠରେ ଉନ୍ନତି ପାଇଁ ୮୪.୩୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଦ୍ୱିତୀୟ ଚିଲିକା ପର୍ଯ୍ୟଟନସ୍ଥଳ ପାଇଁ ୭୩.୮୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ପ୍ରଚେଷ୍ଟା ଓ ମୁଖ୍ୟମନ୍ତ୍ରୀଙ୍କ ପାଲଲହଡ଼ା ଅଞ୍ଚଳର ବିକାଶ ପାଇଁ ସତନ୍ତ୍ର ଅନୁଦାନକୁ ବ୍ଲକ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ସେହିପରି ଆଠମଲ୍ଲିକ ବ୍ଲକସ୍ଥିତ ମା' ବିନିକେଇ ମନ୍ଦିରର ଉନ୍ନତୀକରଣ ପାଇଁ ୫୬.୬୩ ଲକ୍ଷ ଟଙ୍କା, ମା' ମାହେଶ୍ୱରୀ ମନ୍ଦିର ପାଇଁ ୩୭.୨୦ ଲକ୍ଷ, ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ମା' ରାମଚଣ୍ଡି ପୀଠର ବିକାଶ ପାଇଁ ୫୬.୪୦ ଲକ୍ଷ, ପାତ୍ରପଡ଼ାସ୍ଥିତ ମା' ବାୟାଣୀ ପୀଠର ବିକାଶ ପାଇଁ ୭୬.୯୨ ଲକ୍ଷ, ଅନୁଗୋଳ ସ୍ଥିତ ଶୈଳଶ୍ରୀକ୍ଷେତ୍ର ଓ ମା' ବୁଢ଼ୀ ଠାକୁରାଣୀ ମନ୍ଦିରର ବିକାଶ ପାଇଁ ୨୨.୮୦ ଲକ୍ଷ, ମହେନ୍ଦ୍ର ଗିରି ପର୍ବତ ଏବଂ ପର୍ଯ୍ୟଟନ କମ୍ପ୍ଲେକ୍ସ ପାଇଁ ୫୫.୨୦ ଲକ୍ଷ ଏବଂ ପୁରୁଣାଗଡ଼ସ୍ଥିତ ମଦନମୋହନ ଓ ଜଗନ୍ନାଥ ମନ୍ଦିର ପାଇଁ ୩୧.୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଖୁବ୍‌ଶୀଘ୍ର ଏହି ବିକାଶ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଅନୁଗୋଳ ଜିଲା ଗସ୍ତରେ ଆସିଥିବାବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ଏସବୁ ସ୍ଥାନର ବିକାଶ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

କଣିହାଁ,୧୧।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସଦର ମହକୁମାରେ ସ୍ୱାଧୀନତା ଦିବସ ପାଳନ ପାଇଁ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଦେବଦତ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ଏବିଡିଓ ହିମାଂଶୁ ନାୟକ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଅନୁଷ୍ଠାନ, ପୋଲିସ, ସାମାଜିକ କର୍ମୀ ଓ ଜନ ପ୍ରତିନିଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ କଣିହାଁ ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟ ପରିସରରେ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

## ଚାଷ ଜମିରେ ମାଡ଼ିଗଲା ପାଉଁଶ

### କ୍ଷତିପୂରଣ ପାଇଁ ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୧୧।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ଏକର ଏକର ଚାଷ ଜମିରେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆଶପଣ୍ଡ ପାଉଁଶ ମାଡ଼ିଯାଇଛି। ଫଳରେ ୬ ଏକର ଜମିରେ ବ୍ୟାପକ ଧାନ ଚାଷ ନଷ୍ଟ ହୋଇଯାଇଛି। ଏ ନେଇ ବାମୁର ଅଞ୍ଚଳବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ କିଶୋରନଗର ତହସିଲଦାର, ବାମୁର ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି।

ଅଞ୍ଚଳବାସୀ ଦର୍ଶାଇଛନ୍ତି, ବାମୁର ଅଞ୍ଚଳରେ ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ସହ ଫ୍ଲାଏ ଓଭର ବ୍ରିଜ୍ କାମ ଚାଲିଛି। ଏହି ଓଭର ବ୍ରିଜରେ ବ୍ୟବହାର କରିବା ପାଇଁ ଠିକାସଂସ୍ଥା ପକ୍ଷରୁ ଆଶ୍‌ପଣ୍ଡରୁ ପାଉଁଶ ଅଣାଯାଇ ଗଦା କରାଯାଇଛି। କିଛିଦିନ ତଳେ ପ୍ରବଳ ବର୍ଷା ବେଳେ ଉକ୍ତ ପାଉଁଶ ଧୋଇଯାଇ ରାସ୍ତା କଡରେ ଥିବା ସଞ୍ଚିତା ନନ୍ଦ ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ରଞ୍ଜନ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଜମ୍ବେଶ୍ୱର ପ୍ରଧାନ, ମହେଶ୍ୱର ପ୍ରଧାନ, ଟଙ୍କଧର ପ୍ରଧାନ, ଜନ୍ମେଜୟ ପ୍ରଧାନଙ୍କ ଚାଷ ଜମିରେ ମାଡ଼ି ଯାଇଛି। ଫଳରେ ଧାନ ଫସଲ ନଷ୍ଟ ହୋଇଯାଇଛି। ଋଣ ଆଣି ଫସଲ କରିଥିବା ଚାଷୀମାନେ କିଭଳି ଋଣ ଶୁଝିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏ ନେଇ ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ କହିଛନ୍ତି, ଚାଷୀଙ୍କ କ୍ଷତିକୁ ନେଇ ତହସିଲଦାରଙ୍କୁ ଅବଗତ କରାଯାଇଛି। କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି କରାଯାଇଛି।



ଚାଷ ଜମିରେ ପାଉଁଶ ମାଡ଼ି ଯାଇଛି।

## ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝିଲେ

### ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପଦେଷ୍ଟାଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,୧୧।୮(ଅମିତ କୁମାର ସାମଲ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପଦେଷ୍ଟା ଶିଶିର ପରିଜା ଶୁକ୍ରବାର ଅନୁଗୋଳ ଜିଲା ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହିତ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ଦୀନେଶ ପ୍ରଧାନ, ଜିଲା ସହକାରୀ ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ, ସତ୍ୟବ୍ରତ ଦେହୁରୀ, ଆଶିଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ପରିଜାଙ୍କ ସହ ଅନ୍ୟ ଅଧିକାରୀମାନେ ବଅଁରପାଳ ବ୍ଲକର ମହୀଧରପୁର ଉଚ୍ଚ ବିଦ୍ୟାଳୟ ଓ କୁମଣ୍ଡ ଜରାସିଂହା ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ରନ୍ତଲେଇ ଉଚ୍ଚ ବିଦ୍ୟାଳୟ, ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ଆଦର୍ଶ ବିଦ୍ୟାଳୟ ଓ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉପଦେଷ୍ଟା ପରିଜା ଛାତ୍ରୀଛାତ୍ରମାନଙ୍କ ସମସ୍ୟା ଓ ଷ୍ଟାଇପେଣ୍ଡ ଠିକ୍ ସମୟରେ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏଥିସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ୫-ଟି ଶ୍ରେଣୀଗୃହ ବୁଲି ଦେଖିଥିଲେ। ଏହାପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟର ସମସ୍ୟା ଏବଂ ସରକାରୀ ବିଦ୍ୟାଳୟରେ ପଢ଼ିବା ପାଇଁ ପିଲା କିପରି ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ମତାମତ ଲୋଡ଼ିଥିଲେ। ଶେଷରେ ଜିଲା ଶିକ୍ଷା ଅଧୀକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଥିଲେ ଅବଗତ କରାଇବା ପାଇଁ ବସୁଧା ଉପଦେଷ୍ଟା କହିଥିଲେ।



ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ବେଳେ ଉପଦେଷ୍ଟାଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

**୧୪ରେ ହିନ୍ଦୋଳରେ ଜନଶୁଣାଣି**

ଢେଙ୍କାନାଳ,(ରତନ ନାୟାର): ଆସନ୍ତା ୧୪ ତାରିଖ (ସୋମବାର) ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣିବେ। ସମ୍ପୃକ୍ତ ଅଞ୍ଚଳବାସୀ ଉପସ୍ଥିତ ରହି ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି।

## ସଂକ୍ଷେପରେ

### କୃମିନାଶକ ଔଷଧ ଖାଇ ୧୧ ଛାତ୍ରୀଛାତ୍ର ଅସୁସ୍ଥ

**ସାତମାଇଲ, ୧୧।୮(ସୁଶାନ୍ତ ପତି)**

କୃମିନାଶକ ଏବଂ ବାତଜ୍ୱର ନିରାକରଣ ଔଷଧ ଖାଇ ୧୧ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ମାଧପୁର ପଞ୍ଚାୟତସ୍ଥିତ ମାଧପୁର ହାଇସ୍କୁଲରେ। ତେବେ ଚିକିତ୍ସା ପରେ ଛାତ୍ରୀଛାତ୍ରମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମାଧପୁର ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ କୃମିନାଶକ ଓ ଡିଇସି ବଟିକା ସେବନ କରିବାକୁ ଦିଆଯାଇଥିଲା। ବଟିକା ଖାଇବାର କିଛି ସମୟ ପରେ ଶ୍ରାବଣୀ ବେହେରା, ପ୍ରୀତି ବେହେରା, କାଜଲ ଦେହୁରୀ, ଗାୟତ୍ରୀ ନାଏକ, ବର୍ଷା ନାଏକ, ଅର୍ପିତା ବେହେରା, ରାଜଶ୍ରୀ ସାହୁ, ସୁନିତା ନାଏକ, ଗଙ୍ଗା ନାଏକ, ଅନୁଭବ ଲେଙ୍କା, ଡାବୁଲ ଭଞ୍ଜ ପ୍ରମୁଖ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କଠାରେ ବାନ୍ତି ହେବା, ମୁଣ୍ଡ ଘୂରାଇବା ଭଳି ଲକ୍ଷଣ ଦେଖାଯାଇଥିଲା। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଆମ୍ବୁଲାନ୍ସ ସହାୟତାରେ ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଆବଶ୍ୟକ ଚିକିତ୍ସା ପରେ ସମସ୍ତେ ଛାଡ଼ ପାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

### ୧୯ ବର୍ଷ ପରେ ଚୋରି ଅଭିଯୁକ୍ତ ଗିରଫ

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳର ଜଣେ ଚୋରି ଅଭିଯୁକ୍ତଙ୍କୁ ୧୯ ବର୍ଷ ପରେ ଶୁକ୍ରବାର ପୋଲିସ ଗିରଫ କରିଛି। ସେ ହେଲେ ବାଲ୍ୟାମ୍ବ ଗ୍ରାମର ଶିଶିର ସେଠ (୫୩)। ଶିଶିରଙ୍କ ନାମରେ ୪ରୁ ଊର୍ଦ୍ଧ୍ୱ ଚୋରି ମାମଲା ରହିଥିଲା। ୨୦୦୪ରୁ ସେ ଫେରାର ହେଥିଲେ। ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିବା ବେଳେ ସେ ପୋଲିସ ଆଖିରେ ଧୂଳି ଦେଇ ଲୁଚି ରହିଥିଲେ। ଅଭିଯୁକ୍ତ ଶିଶିର ଭାପୁର ଅଞ୍ଚଳକୁ ଆସିଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି।

### ଓଏଏସ୍ ପରୀକ୍ଷାରେ ନମିତାଙ୍କ କୃତିତ୍ୱ



**ଢେଙ୍କାନାଳ, ୧୧।୮(ରତନ ନାୟାର)**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ଢେଙ୍କାନାଳ ସଦର ବ୍ଲକ ସାଙ୍କୁଲେଇ ଗ୍ରାମର ନମିତା ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତି। ସେ ୩୭୭ ର୍‍ୟାଙ୍କ ହାସଲ କରିଛନ୍ତି। ନମିତା ତାଙ୍କ ସଫଳତାର ଶ୍ରେୟ ମା, ବାପା, ବଡ଼ଭାଇଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସାଙ୍କୁଲେଇ ଗ୍ରାମର ଉର୍ମିଳା ପ୍ରଧାନ ଓ ଘନଶ୍ୟାମ ପ୍ରଧାନଙ୍କ କନିଷ୍ଠ କନ୍ୟା ହେଉଛନ୍ତି ନମିତା। ତାଙ୍କ ବଡ଼ଭାଇ ଶଶାଙ୍କ ଶେଖର ପ୍ରଧାନ ନିର୍ବାହୀ ଯନ୍ତ୍ରୀ ଅଛନ୍ତି।

# ୧୬ରୁ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ



ଆନ୍ଦୋଳନରତ ଶିକ୍ଷକମାନେ।

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ପ୍ରାଥମିକ ଶିକ୍ଷକମାନେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଆନ୍ଦୋଳନ କରିଛନ୍ତି। ସଂଘର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା, ଏକ୍ସ-କ୍ୟାଡର ଉଚ୍ଛେଦ, କଳା ଓ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା, ସମସ୍ତ ବର୍ଗର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା ଆଦି ଏଥିରେ ଉଲ୍ଲେଖ ରହିଛି। ଅଗଷ୍ଟ ୧୫ ସୁଦ୍ଧା ଦାବି ପୂରଣ ନ ହେଲେ ୧୬ ତାରିଖଠାରୁ ରାଜ୍ୟର ସମସ୍ତ ବର୍ଗର ଶିକ୍ଷକ ସାମୂହିକ ଛୁଟିରେ ଯାଇ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୨ ନଭେମ୍ବର ୧୭ରେ ଉପରୋକ୍ତ ଦାବିରେ ରାଜ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ରାଜରାସ୍ତାକୁ ଓହ୍ଲାଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା ସତ୍ତ୍ୱେ ସୁଫଳ ମିଳିଲା ନାହିଁ। ତେଣୁ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ରାଜ୍ୟ ସଙ୍ଗଠନ ଉପସଭାପତି ବିରଞ୍ଚି ନାରାୟଣ ଦାଶ, ଜିଲା ଶାଖା ସଭାପତି ସୁଦୀପ କୁମାର ମିଶ୍ର, ସମ୍ପାଦକ ସଚିନ କୁମାର ନାୟକ, ଅସିତ୍ ଦାଶ, ପଙ୍କଜିନୀ କର, ପ୍ରଣତୀ ମହାପାତ୍ର, ସଙ୍ଗଠନ ସମ୍ପାଦକ ବୈରାଗୀ ଚରଣ ସେଠୀ, ଏନ୍‌ପିଏସ୍ ସଭାପତି ନିରାକାର ବେହେରା, ସମ୍ପାଦକ ପ୍ରଶାନ୍ତ ନାଥ, ଶତ୍ରୁଘ୍ନ ମଲ୍ଲିକ, ବିଷ୍ଣୁ ଚରଣ ମଲ୍ଲିକ ପ୍ରମୁଖ କହିଛନ୍ତି।

## ବାରଦା ମାତୃଭବନ ପ୍ରତିଷ୍ଠା ଦିବସ

**ଢେଙ୍କାନାଳ, ୧୧।୮ (ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ୍ ବାରଦା ମାତୃଭବନର ପ୍ରତିଷ୍ଠା ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଶୁଭାରମ୍ଭ ହୋଇଛି। ବିଡିଓ ସୁଧୀର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମାତୃଭବନର ଶାନ୍ତିଶୃଙ୍ଖଳା, ପବିତ୍ରତା ଓ ଶିକ୍ଷାକେନ୍ଦ୍ରର ଶାନ୍ତ ପରିବେଶ ବେଶ୍ ଆନନ୍ଦଦାୟକ। ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ଗୌରବକୁ ଆଗକୁ ନେବାକୁ ସେ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଦିଲୀପ ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ରଥ, ଶାରୀରିକ ଶିକ୍ଷା ଶିକ୍ଷକ ବିଜୟ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ, ପାଠଚକ୍ର ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଦିବାସୀ ପରମ୍ପରା ଅନନ୍ୟ

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ଢେଙ୍କାନାଳ ବାଜିଚୌକସ୍ଥିତ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଇଂଲିଶ କ୍ଲବ ଓ ନଗର ଶାଖାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ଶୁଭ୍ରାଂଶୁ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇ କହିଲେ, ଆଦିବାସୀଙ୍କ ପରମ୍ପରା ଅନନ୍ୟ। ପ୍ରକୃତିକୁ ଭଲ ପାଉଥିବା ଜନଜାତି ବର୍ଗର ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ଏହି ଅବସରରେ ସ୍କୁଲ ପ୍ରାଙ୍ଗଣରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଚାରା ରୋପଣ କରାଯାଇଥିଲା।

ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ତାରାପ୍ରସନ୍ନ ଶତପଥୀ, ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ସଚେତନ ଫୋରମ୍ କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ସଭାପତି ଭରତ କୁମାର ଦାସ, ସହସମ୍ପାଦକ ଅମରେନ୍ଦ୍ର ସାହୁ, କ୍ଲବ ସମ୍ପାଦକ ଅବିନାଶ ସାହୁ, ନଗର ଶାଖା ପକ୍ଷରୁ ଆଇନଜୀବୀ ଅମ୍ବିକା ପ୍ରସାଦ ମିଶ୍ର, ମନ୍ମଥ ରାଓ, ଦୟାନିଧି ବେହେରା, ଉଦୟନାଥ ବେହେରା, ଗୋକୁଳ ଚନ୍ଦ୍ର ମାଝି, ଚକ୍ରଧର ତରାଇ, ଦେବେନ୍ଦ୍ର ସିଂ, ଅନୁପମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

## ସୁରେଶ ବେଲଟିକିରି କଲେଜ ଅଧକ୍ଷ

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଅଧକ୍ଷ ଦିଲୀପ ପରିଡ଼ା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କଲେଜର ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିବା ଲାଗି ଯାହା କିଛି ଆବଶ୍ୟକ, ତାହା କରାଯିବ ବୋଲି ସେ କହିଛନ୍ତି। ୬୬୨ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘ ଜିଲା ସଭାପତି ତଥା ସାନ୍ଧ୍ୟ କଲେଜ ଅଧକ୍ଷ ଡ. ସମୀର ସାହୁ ପ୍ରମୁଖ ନୂତନ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ଅଧ୍ୟାପକ ମିଶ୍ର ଓଡ଼ିଆ ଭାଷା ସାହିତ୍ୟର ଜଣେ ପ୍ରବୀଣ ଅଧ୍ୟାପକ ତଥା ଉଚ୍ଚକୋଟୀର କବି। ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଘୋଷକ ମଧ୍ୟ।



ନୂତନ ଅଧକ୍ଷ ସୁରେଶ ମିଶ୍ରଙ୍କୁ ସ୍ୱାଗତ କରାଯାଉଛି।

## ଛତା, ମଶାରି ବଣ୍ଟନ

**ଢେଙ୍କାନାଳ,୧୧।୮(ରତନ ନାୟାର)**

ଢେଙ୍କାନାଳ ଶ୍ରେୟା ଅନୁଷ୍ଠାନ ପକ୍ଷରୁ ସଞ୍ଜୟ କଲୋନୀ ଏବଂ ବନମାଳୀପ୍ରସାଦ କିନ୍ନର ବସ୍ତିରେ ଛତା ଓ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣାଙ୍କ ଅଧକ୍ଷତାରେ ଉଭୟ ସ୍ଥାନରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶ୍ରେୟା ଚେସ୍ ଏକାଡେମୀର ନିର୍ଦ୍ଦେଶିକା ସାଗରିକା ମିଶ୍ର, ଶ୍ରେୟା ଅନୁଷ୍ଠାନର ସଭାନେତ୍ରୀ ପ୍ରିୟଙ୍କା ରାଉତ, ଉପସଭାନେତ୍ରୀ ବନ୍ଦନା ପଣ୍ଡା, ସଭ୍ୟ ଟୁବୁରି ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଲବଣି ଭୁକ୍ତା, ଅଯୋଧ୍ୟା ବେହେରା, ଛବି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ସାହିବାସୀଙ୍କୁ ଛତା ଓ ମଶାରି ବଣ୍ଟନ କରାଯାଉଛି।

## ପ୍ରକଳ୍ପସ୍ତରୀୟ ପୋଷଣ ଅଭିଯାନ

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ପ୍ରକଳ୍ପସ୍ତରୀୟ ପୋଷଣ ଅଭିଯାନର ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ବାଙ୍ଗୁରସିଂହ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଅମିୟକାନ୍ତ ସ୍ୱାଇଁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ିର ଦୈନନ୍ଦିନ ଖାଦ୍ୟ ସାରଣୀର ଉପଯୋଗିତାକୁ ମାଳିବିଡୋ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ଯାଏ ବ୍ଲକର ୧୧ଟି ସ୍ଥାନରେ ପ୍ରଦର୍ଶିତ ହେବ। କୁପୋଷଣ ଦୂର କରିବା, ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଲକ୍ଷ୍ୟରେ ଏହି ଅଭିଯାନର ପରିକଳ୍ପନା କରାଯାଇଛି।

## ଦୁର୍ଘଟଣାରେ ୨ ଗୁରୁତର

**କାମାକ୍ଷାନଗର, ୧୧।୮ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଉର୍ବେଙ୍ଗୀ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେନ୍ଦୁଝର କାଳିଆହତା ଅଞ୍ଚଳର ମୁନା ଦେହୁରୀ (୩୦), ସଂକୀର୍ତ୍ତନ ଦେହୁରୀ (୩୨)। ଦୁହେଁ ଏକ ବାଇକ୍‌ରେ କାମାକ୍ଷାନଗରରୁ କାଳିଆହତା ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସାଙ୍କୁଲେଇରେ ଫୁଟିଲା ପାରିଜାତ



ଶ୍ରୀ ସିଦ୍ଧ ବଳରାମ ମନ୍ଦିରରେ ପାରିଜାତ ଫୁଲ ସହ ଦୀନବନ୍ଧୁଙ୍କ ପରିବାର ସଦସ୍ୟ ଏବଂ ଅନ୍ୟମାନେ।

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ସାଙ୍କୁଲେଇ ଗ୍ରାମର ଦୀନବନ୍ଧୁ ଭୋଳଙ୍କ ଫାର୍ମ ହାଉସ୍‌ରେ ଦୁର୍ଲଭ ପାରିଜାତ ଫୁଲ ଫୁଟିଛି। ଏହାକୁ ନେଇ ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। ପାରିଜାତ ଗଛ ମୂଳରେ ସଂକୀର୍ତ୍ତନ, ପୂଜାପାଠ କରାଯାଇଛି। ଏହି ଫୁଲ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଛି। ଫୁଲପ୍ରେମୀ ଦୀନବନ୍ଧୁ କୋଲକାତାରୁ ଉକ୍ତ ପାରିଜାତ ଗଛ ଆଣି ଫାର୍ମହାଉସ୍‌ରେ ଲଗାଇଥିଲେ। ୧ ବର୍ଷ ୧୦ ମାସ ପରେ ଗଛରେ ଫୁଲ ଫୁଟିଛି। ପୂଜାପାଠ ପରେ ଫୁଲ ତୋଳାଯାଇ ଶ୍ରୀ ସିଦ୍ଧବଳରାମ ପୀଠକୁ ଅଣାଯାଇଥିଲା। ମନ୍ଦିର ପରିସରରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ଚରଣରେ ପୂଜକ ଶ୍ରୀବସ୍ତ ମିଶ୍ର ଫୁଲ ଲାଗି କରିଥିଲେ। ଦୀନବନ୍ଧୁଙ୍କ ସ୍ତ୍ରୀ ପ୍ରମିଳା ଭୋଳ, ଗ୍ରାମର ସୁରେଶ ଭୋଳ, ରମେଶ ଭୋଳ, ଧନେଶ୍ୱର ଭୋଳ, ପ୍ରସନ୍ନ ଭୋଳ, ପୂଜକ ରଜତ ଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାପ୍‌ଟେନ୍ ବୁଦ୍ଧିମନ୍ତ ସ୍ୱାଇଁଙ୍କ ସ୍ମୃତିଚାରଣ

**କାମାକ୍ଷାନଗର, ୧୧।୮(ଅମ୍‌ଜାଦ ଖାନ୍)**

ଭୁବନ ବ୍ଲକ ମଠକରଗୋଳା ଗ୍ରାମରେ ଶୁକ୍ରବାର 'ମେରି ମାଟି, ମେରା ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ବ୍ଲକ ବାଇସିଙ୍ଗା ପଞ୍ଚାୟତର ଯୁବ ସଙ୍ଗଠନ ବିମଳ ଜ୍ୟୋତି ୟୁଥ୍ କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ୟାପ୍‌ଟେନ୍ ସ୍ୱର୍ଗତ ବୁଦ୍ଧିମନ୍ତ ସ୍ୱାଇଁଙ୍କ ସ୍ମୃତିଚାରଣ କରାଯାଇଥିଲା। ଜିଲା ନେହେରୁ ଯୁବକେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ କ୍ୟାପଟେନ୍ ସ୍ୱାଇଁଙ୍କ ବାସଭବନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କ ବଡ଼ଝିଅ ତଥା ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇଥିଲା। ୟୁଥ କ୍ଲବ ଅଧକ୍ଷ ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳ, ନୋଟାରି ଅମିୟ ପଟ୍ଟନାୟକ, ଅପରାଜିତା ନାୟକ, ପୃଥ୍ୱୀରାଜ ସ୍ୱାଇଁ, ରବିନାରାୟଣ ସ୍ୱାଇଁ, ମମତା ସ୍ୱାଇଁ, ସୁକାନ୍ତି ଜେନା, କାର୍ତ୍ତିକ ସ୍ୱାଇଁ, ବିଶ୍ୱରଞ୍ଜନ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ସନ୍ଦୀପ ନାୟକ, ସୋନୁ ନାୟକ, ସାଇସେବକ ସ୍ୱାଇଁ ପ୍ରମୁଖଙ୍କ ସମେତ କ୍ୟାପ୍‌ଟେନ୍ ସ୍ୱାଇଁଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ସଂଗ୍ରାମୀ ପରିବାର ସମ୍ବର୍ଦ୍ଧିତ

**କାମାକ୍ଷାନଗର, ୧୧।୮(ସୁଧୀର ପରିଡ଼ା/ଅମ୍‌ଜାଦ୍ ଖାନ୍)**

କାମାକ୍ଷାନଗର କଲେଜ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଶୁକ୍ରବାର ସ୍ୱାଧୀନତାର ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମଙ୍ଗୁଳି ଚରଣ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ କହିଲେ, ସ୍ୱାଧୀନତା ସଂଗ୍ରାମୀ ସର୍ବାଧିକ ସମ୍ମାନ ପାଇବାକୁ ହକ୍‌ଦାର। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସଂଗ୍ରାମୀଙ୍କ ପରିବାରକୁ ସମ୍ମାନିତ କରିବା ଭାଗ୍ୟର କଥା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତ, ସଂଗ୍ରାମୀ ମୂଷା ମଲ୍ଲିକ, ସଂଗ୍ରାମୀ କୁଳମଣି ପ୍ରଧାନ, ସଂଗ୍ରାମୀ ବାଇଧର ସ୍ୱାଇଁ, ଶହୀଦ ଅଜିତ ସାହୁଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ସେନା କର୍ମଚାରୀ ବିରଞ୍ଚି ନାରାୟଣ ମହାପାତ୍ର, ଈଶ୍ୱର ଚନ୍ଦ୍ର ପଣ୍ଡା, ଅଶ୍ୱିନୀ ମହାପାତ୍ର, ଡମ୍ବରୁଧର ରାଉତ, ରବିନାରାୟଣ ସାହୁ, ପର୍ଶୁରାମ ଭୂୟାଁ, ଶିଶିରକାନ୍ତ ନାୟକ, ପଞ୍ଚାନନ ପରିଡ଼ା, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଦୁର୍ଯ୍ୟୋଧନ ପାଢ଼ୀ ମଧ୍ୟ ସମ୍ମାନିତ ହୋଇଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ଉପଜିଲାପାଳ ମଦନମୋହନ ଜେନା, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକଙ୍କ ସମେତ ବହୁ ପୂର୍ବତନ ସେନା କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରସନ୍ନ ନାୟକ, ସତ୍ୟନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ଏନ୍‌ଏସ୍‌ଏସ୍ ଅଧିକାରୀ ରଶ୍ମିରଞ୍ଜନ ସେନାପତି, କଲେଜ କର୍ମଚାରୀ ଶରତ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଜଣେ ପୂର୍ବତନ ସେନା କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି।

# ରାଜ୍ୟର ଆଇନଶୃଙ୍ଖଳା ନୈରାଶ୍ୟଜନକ



ଧାରଣାରେ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ।

**ନବ ନିର୍ମାଣ ସ୍ୱରାଜ ପକ୍ଷରୁ ବିକ୍ଷୋଭ**

**ଢେଙ୍କାନାଳ, ୧୧।୮(ରତନ ନାୟାର)**

ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତି, କୁଶାସନ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଉଲ୍ଲଂଘନ ପ୍ରତିବାଦରେ ନବ ନିର୍ମାଣ ସ୍ୱରାଜ ସରକାର ସଙ୍ଗଠନ ପକ୍ଷରୁ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଭାରୀ ଅଶ୍ୱିନୀ କୁମାର, ସଂଯୋଜକ ପ୍ରହ୍ଲାଦ ସାହୁ, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ନାୟକ, ସହ ସଂଯୋଜକ ସୁଧାକର ପରିଡ଼ା, ସଦର ବ୍ଲକ ସଂଯୋଜକ ଚନ୍ଦ୍ରଶେଖର ବରାଳ, ଓଡ଼ାପଡ଼ା ବ୍ଲକ ସଂଯୋଜକ ଭାଗୀରଥି ସାହାଣୀ, ନୀଳମଣି ବରାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ସଙ୍ଗଠନର କାର୍ଯ୍ୟକର୍ତ୍ତା କହିଥିଲେ ଯେ, ଶିକ୍ଷା, ନିଯୁକ୍ତି ଓ ଆଇନଶୃଙ୍ଖଳା କ୍ଷେତ୍ରରେ ଓଡ଼ିଶାର ସ୍ଥିତି ନୈରାଶ୍ୟଜନକ। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବିଭାଗର ଉନ୍ନୟନମୂଳକ କାର୍ଯ୍ୟରେ ୨୫ ପ୍ରତିଶତ ପିସି କାରବାର ହେଉଛି। '୫-ଟି' ରୂପାନ୍ତରୀକରଣ ନାମରେ ଶିକ୍ଷାନୁଷ୍ଠାନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ହେଉନାହିଁ। ସ୍ୱାସ୍ଥ୍ୟସେବା ଅନୁଦାନ ହଡ଼ପ କରାଯାଉଛି। ଜଳସେଚନ, ଜଳ ନିଷ୍କାସନ, ଶସ୍ୟ ସଂରକ୍ଷଣ ଲାଗି ଶୀତଳଭଣ୍ଡାର, ଗୋଦାମ ଘର ବ୍ୟବସ୍ଥା ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ବିଦ୍ୟୁତ୍ ଦର ବୃଦ୍ଧି ଗ୍ରାମାଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ବଢ଼ାଇଛି। ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ ଲାଗି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି।

## ସହର ଉନ୍ନତି ପାଇଁ ପରାମର୍ଶ

**କାମାକ୍ଷାନଗର, ୧୧।୮(ସୁଧୀର ପରିଡ଼ା/ଅମଜାଦ୍ ଖାନ୍)**

ଜାଗା ମିଶନ ଓ ସହରାଞ୍ଚଳ ବିକାଶ ବିଭାଗର ସହକାରୀ ନିର୍ଦ୍ଦେଶକ ସୌମେନ୍ଦ୍ର ରାଉତରାୟ ଶୁକ୍ରବାର କାମାକ୍ଷାନଗର ଏନ୍‌ଏସି ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସାରଙ୍ଗଧର ଷ୍ଟାଡିୟମ୍, ଜାଗା ମିଶନ ଅନ୍ତର୍ଭୁକ୍ତ ହେବାକୁ ଥିବା ସହରାଞ୍ଚଳର ବସ୍ତି ବୁଲି ଦେଖିଥିଲେ। ଏନ୍‌ଏସି କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ନଗରପାଳ ଧର୍ମାନନ୍ଦ ପରିଡ଼ା, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ସହରାଞ୍ଚଳ ଜାଗା ମିଶନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା, ଭୂମିହୀନଙ୍କୁ ପଟ୍ଟା ବଣ୍ଟନ, ସହରର ସାମଗ୍ରିକ ବିକାଶ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଲାଗି ସହକାରୀ ନିର୍ଦ୍ଦେଶକ ରାଉତରାୟ ଗୁରୁତ୍ୱାରୋପ କରିଛନ୍ତି।



ସରକାରୀ ନିର୍ଦ୍ଦେଶକ ସମୀକ୍ଷା କରୁଛନ୍ତି।

